# କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ସ୍ୱାସ୍ଥ୍ୟକର୍ମୀ

**ଜୟପୁର/ପଟ୍ଟାଙ୍ଗୀ/କୁନ୍ଦୁରା, ୧୫।୧ (ନି.ପ୍ର./ଡି.ଏନ୍.ଏ.)**

ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନାହାନ୍ତି। ଏହା ମଧ୍ୟରେ କରୋନା ଟିକାକରଣ ଶନିବାରରୁ ଆରମ୍ଭ ହେଉଛି। ଏହି କାର୍ଯ୍ୟରେ ପୁରୁଷ, ମହିଳା ସ୍ୱାସ୍ଥ୍ୟକର୍ମୀ ପରିଦର୍ଶକ ସମସ୍ତେ କଳାବ୍ୟାଜ୍ ପରିଧାନ କରି ନୀରବ ପ୍ରତିବାଦ କରିବେ। ସେମାନେ କରୋନା ଟିକା ନେବେ ନାହିଁ ମାତ୍ର କାର୍ଯ୍ୟରେ ସହଯୋଗ କରିବେ ବୋଲି ଚେତାବନୀ ଦେଇଛି ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସଂଘ/ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ। ସ୍ୱାସ୍ଥ୍ୟକର୍ମୀମାନେ ସେମାନଙ୍କ ଦାବିପତ୍ର ସିଡିଏମ୍ଓଙ୍କ ଉଦ୍ଦେଶ୍ୟରେ ଚିକିତ୍ସାଧିକାରୀଙ୍କୁ ପଠାଇଛନ୍ତି। କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯାଇଛି।

କୋରାପୁଟ ଜିଲା ଜୟପୁର ରାବଣାଗୁଡା ଗୋଷ୍ଠୀ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ସ୍ୱାସ୍ଥ୍ୟକର୍ମୀମାନେ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦେଇଛନ୍ତି। ସରକାରଙ୍କ ଅବହେଳା ପ୍ରତିବାଦରେ ଟିକାକରଣ ସମୟରେ କଳାବ୍ୟାଜ୍ ପିନ୍ଧି କାମରେ ସହଯୋଗ କରିବେ ବୋଲି କହିଛନ୍ତି। ସରକାର ଦାବି ପୂରଣ ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି କୁହାଯାଇଛି।

ପଟ୍ଟାଙ୍ଗୀ ଡାକ୍ତରଖାନାର ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଭାଗବତ ପ୍ରସାଦ ମୁର୍ମୁଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଛବି ଲାଲ , ଦୁର୍ଯ୍ୟୋଧନ ମାହାଲି ଓ ସୁବ୍ରତ ଶର୍ମାଙ୍କ ନେତୃତ୍ୱରେ

**ନେବେ ନାହିଁ କରୋନା ଟିକା**

ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କୁ ଅଣଦେଖା କରାଯାଉଛି। ପ୍ରମୋଶନ ମଧ୍ୟ ମିଳୁନି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାର ଦାବିଗୁଡିକ ପୂରଣ ନ କଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ସମୟରେ ରଞ୍ଜିତା ସ୍ୱାଇଁ , ସୁବର୍ଣ୍ଣମାଳା ସ୍ୱାଇଁ, ବିଜୟ ଖିଲ, କାମିନୀ ମଲ୍ଲିକ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ମଧ୍ୟ ସେଠାରେ କାର୍ଯ୍ୟରତ ପୁରୁଷ ମହିଳା ସ୍ୱାସ୍ଥ୍ୟକେନ୍ଦ୍ର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।



ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧାରୀଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଦାବିପତ୍ର ଦେଉଛନ୍ତି।

# ସିଡିଏମ୍ଓଙ୍କୁ ଆଶାସାଥୀ ସଂଘର ଦାବିପତ୍ର

**ନବରଙ୍ଗପୁର,୧୫।୧(ବି.ପ୍ର.)**

ଆଶାସାଥୀଙ୍କୁ ରାଜ୍ୟ ସରକାର ଅବହେଳା କରୁଥିବା ଅଭିଯୋଗରେ ଶୁକ୍ରବାର ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ସହାୟତାରେ ନବରଙ୍ଗପୁର ଜିଲା ଆଶାସାଥୀ ସଂଘ ବିକ୍ଷୋଭ ପ୍ରଦର୍ଶନ କରିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ଉଦ୍ଦେଶ୍ୟରେ ସିଡିଏମ୍ଓଙ୍କୁ ୮ ଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରାଯାଇଛି । ଆଶା ସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୬ହଜାର ଟଙ୍କା ପ୍ରଦାନ, ଆଶାସାଥୀଙ୍କ ୟୁନିଫର୍ମ ଲାଗୁ କରିବା, ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଟ୍ରେନିଂ ବ୍ୟବସ୍ଥା ଭଳି ଦାବି ଉଲ୍ଲେଖ ରହିଛି। ଆଗାମୀ ୧୫ ଦିନରେ ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଆଶାସାଥୀମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଏସ୍ଏସ୍ର ଜିଲା ସମ୍ପାଦକ ପରମେଶ୍ୱର ବିଶୋୟୀଙ୍କ ନେତୃତ୍ୱରେ ଆଶା ସାଥୀମାନେ ଦାବିପତ୍ର ପ୍ରଦାନ କରିଥିଲେ।

# ଯାନବାହନ ଯାଞ୍ଚ, ଜରିମାନା ଆଦାୟ

**ଦଶମନ୍ତପୁର, ୧୫।୧ (ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଶୁକ୍ରବାର ପୋଲିସ ଯାନବାହନ ଯାଞ୍ଚକରି ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଛି। ଥାନାଧିକାରୀ କ୍ଷୀରେଶ୍ୱର ସାହୁଙ୍କ ନିର୍ଦ୍ଦେଶକ୍ରମେ ସେକେଣ୍ଡ ଅଫିସର ବି.କେ. ପଣ୍ଡା, ଏଏସ୍ଆଇ ବାବୁଲା ପ୍ରଧାନ ଓ ଟିମ୍ ଗାଡ଼ିମୋଟର ଯାଞ୍ଚ କରିଥିଲେ। ଗାଡ଼ି ଚାଳକଙ୍କ ଲାଇସେନ୍ସ ସହ ଅନ୍ୟ କାଗଜପତ୍ର ଏବଂ ହେଲ୍‌ମେଟ୍, ମାସ୍କ ଆଦି ଚେକିଂ କରାଯାଇଥିଲା। କାଗଜପତ୍ର ଠିକ୍ ନ ଥିବା ଗାଡ଼ିରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସେକେଣ୍ଡ ଅଫିସର ପଣ୍ଡା କହିଛନ୍ତି।



ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ଝରିଗାଁ, ୧୫।୧(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଚଟା ପଞ୍ଚାୟତ ଭେଜିଗୁଡା ଗ୍ରାମ ନିକଟ ପାହାଡରୁ ଏକ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଭେଜିଗୁଡା ଗ୍ରାମର ତୈମଲ ମାଝି(୨୫)। ତୈମଲ ଡିସେମ୍ବର ୪ରୁ ଘରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତୈମଲଙ୍କର କୌଣସି ପତ୍ତା ମିଳି ନ ଥିଲା। ଭେଜିଗୁଡା ଗ୍ରାମ ନିକଟ ପ୍ରାୟ ୩ କି.ମି ଦୂରରେ ଥିବା ପାହାଡକୁ ଗାଈ ଚରାଇବାକୁ ଯାଇଥିବା କିଛି ଲୋକ ୧୩ ତାରିଖରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ତୈମଲ ମାନସିକ ବିକାରଗ୍ରସ୍ତ ବୋଲି ତାଙ୍କ ବଡ ଭାଇ କୃଷ୍ଣ ମାଝି ପୋଲିସକୁ କହିଛନ୍ତି।

### ତହସିଲଦାରଙ୍କ ଯୋଗଦାନ

ଡାବୁଗାଁ, ୧୫।୧ (ଡି.ଏନ୍.ଏ.)- ଡାବୁଗାଁ ତହସିଲଦାର ଭାବେ ସନ୍ଧ୍ୟା ସମରଥ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ମାଲକାନଗିରି ଜିଲାରେ ଡେପୁଟି ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୧୭ ବ୍ୟାଚ୍‌ର ଓଏଏସ ଅଧିକାରୀ। ଡାବୁଗାଁ ସାମ୍ବାଦିକ ସଙ୍ଘ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିଛି। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ସାମ୍ବାଦିକ ସଙ୍ଘ ସଭାପତି ପ୍ରଜ୍ଞା ରଞ୍ଜନ ପରିଡା, ଉପସଭାପତି ସଞ୍ଜୀବ ଜାନୀ, ସମ୍ପାଦକ ମିହିର ଶଙ୍କର ପାତ୍ର, ସହ ସମ୍ପାଦକ ଗଗନ ଗନ୍ତାୟତ , କୋଷାଧକ୍ଷ ସୁଶାନ୍ତ କୁମାର ପଣ୍ଡା, ବରିଷ୍ଠ ଖବରଦାତା ରବିନାରାୟଣ ମହାନ୍ତି, ସଭ୍ୟ ପଦମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ କଂଗ୍ରେସ କମିଟି ଚୟନ

ଡାବୁଗାଁ, ୧୫।୧ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରିଗୁଡା ଆମ୍ବତୋଟାରେ ବ୍ଲକ କଂଗ୍ରେସର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସର ନୂତନ ବ୍ଲକ କମିଟି ଚୟନ କରାଯାଇଛି। ଜି.ସାଇ ରାଜୁ ବ୍ଲକ ସଭାପତି, ପ୍ରକାଶ ଚନ୍ଦ୍ର ପଣ୍ଡା, ଗୁପ୍ତ ବିଶୋୟୀ ଓ ବାବି ଜେନା ଉପସଭାପତି, ବଂଶୀଧର ମାଝି ସାଧାରଣ ସମ୍ପାଦକ, କୋଷାଧକ୍ଷ ଭାବେ ଶଶୀଧର ମାଝୀ, ବ୍ଲକ ଯୁବ କଂଗ୍ରେସ ସଭାପତି ଭାବେ ପ୍ରଦୀପ ଜେନା (ପିଣ୍ଟୁ) ଏବଂ ୧୨ ଜଣ ସଭ୍ୟଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଦ୍ୱାରିକା ମହାପାତ୍ର, ଡାବୁଗାଁ ଜିଲା ପରିଷଦ ସଭ୍ୟା ମାଳତି ମାଝିଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

### ଡଙ୍ଗରିଆ ଯୁବକଙ୍କ ମୃତଦେହ ଉଦ୍ଧାର
### ହତ୍ୟା ସନ୍ଦେହରେ ୨ ଅଟକ

ମୁନିଗୁଡ଼ା,୧୫।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ମଣ୍ଡା ଗ୍ରାମରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କୁଲେରପେଟା ଗାଁର ଡଙ୍ଗରିଆ ଯୁବକ ଲଡକି ସିକକା। ସେ ୫ ତାରିଖରେ ମଣ୍ଡା ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇ ନିଖୋଜ ଥିଲେ। ଶୁକ୍ରବାର ମଣ୍ଡା ଗ୍ରାମ ନିକଟସ୍ଥ ବାଘବନ୍ଧ ଝରଣା ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଖବର ପାଇ ମୁନିଗୁଡ଼ା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ପ୍ରାଥମିକ ତଦନ୍ତରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚାଲିଥିବା ସୂଚନା ମିଳିଛି। ଏହି ଘଟଣାରେ ୨ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

### ମହିଳା ଥାନାରେ ଯୌତୁକ ନିର୍ଯାତନା ମାମଲା

ଜୟପୁର,୧୫।୧(ନି.ପ୍ର.)-କୋରାପୁଟ ଜିଲା ଜୟପୁରସ୍ଥିତ ମହିଳା ଥାନାରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି। ୫/୨୧ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୋରିଗୁମ୍ମା ଥାନା କଣାଗାଁ ନିବାସୀ ତିଲୋତ୍ତମା ନାୟକ ୨୦୧୮ରେ କୋଟପାଡ ଥାନାର ମିରିଗାନୀ ସାହିର କିରଣ ପନୀକାଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହର ଏକ ବର୍ଷ ପରେ ସ୍ୱାମୀ, ଶାଶୁ ଓ ଶଶୁର ତାଙ୍କୁ ଯୌତୁକ ନିର୍ଯ୍ୟାତନା ଦେଉଥିଲେ।ଏହା ସହି ନ ପାରି ସେ ଏବେ ବାପ ଘରକୁ ଚାଲି ଆସିଛନ୍ତି। ଏଥିନେଇ ଶୁକ୍ରବାର ସେ ଜୟପୁର ଥାନରେ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କ ନାଁରେ ଅଭିଯୋଗ କରିଛନ୍ତି।

# ମାଲକାନଗିରି ଜିଲାର ୩ଶହ ସ୍ୱାସ୍ଥ୍ୟକର୍ମୀ ନେବେ ଟିକା

**ମାଲକାନଗିରି,୧୫।୧(ଡି.ଏନ୍.ଏ.)**

- ଆଜିଠୁ ମିଳିବ ଟିକା
- ୩ ଚିକିତ୍ସାଳୟରେ ହେବ ଟିକାକରଣ

ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଶନିବାରଠାରୁ ଆରମ୍ଭ ହେବ। ଏଥିପାଇଁ ମାଲକାନଗିରି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସିଡିଏମ୍ଓ ଡା. ପ୍ରଫୁଲ୍ଲ କୁମାର ନନ୍ଦ ଓ ଜିଲାପାଳ ୱାଇ. ବିଜୟଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ଟିକାକରଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏ ବିଷୟରେ ସିଡିଏମ୍ଓ ସୂଚନା ଦେଇ କହିଛନ୍ତି, ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ସହ କୋରୁକୋଣ୍ଡା ଓ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୩୦୦ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଟିକାକରଣ କରାଯିବ। ତେବେ ରବିବାର ଏହା ବନ୍ଦ ରହିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିଲେ ଆଗାମୀ ୭ଦିନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ। ଏଥିପାଇଁ ୧୯୬ ଜଣ ଟିକା ପ୍ରଦାନକାରୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ ୧୫ ଲିଟର ବିଶିଷ୍ଟ ୨୨ଟି କୋଲ୍ଡବାକ୍ସ ଏବଂ ୨୦ଲିଟର ବିଶିଷ୍ଟ ୩୭ଟି କୋଲ୍ଡବାକ୍ସ ସହ ୫୯୭ ଟିକା ମହଜୁଦ ରହିଛି। ଟିକାକରଣ ନିମନ୍ତେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ସେହିପରି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ଖୋଲିଥିବା ସ୍ୱତନ୍ତ୍ର ପ୍ରକୋଷ୍ଠରେ ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯିବ ବୋଲି ସିଡିଏମ୍ଓ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶାଦିଦିଙ୍କୁ ଏହି ଟିକାକରଣ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ ଏବଂ ଅନ୍ୟ କରୋନା ଯୋଦ୍ଧାଙ୍କୁ ଟିକାକରଣ କରାଯିବ।

# ଚିତ୍ରକୋଣ୍ଡାରେ ୬ ଦିନିଆ ଚକ୍ଷୁ ଚିକିତ୍ସା ଶିବିର

## ଏଏମ୍ଏନ୍ଏସ୍ ଇଣ୍ଡିଆ ଲିମିଟେଡ୍ ଆନୁକୂଲ୍ୟରେ ହେବ

**ଚିତ୍ରକୋଣ୍ଡା,୧୫।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ଥିତ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍)ଇଣ୍ଡିଆ ଲିମିଟେଡ୍ ଆନୁକୂଲ୍ୟରେ କମ୍ପାନୀର ସିଏସ୍ଆର ଫଣ୍ଡରୁ ଚିତ୍ରକୋଣ୍ଡା ବ୍ଲକ୍‌ର ୬ଟି ସ୍ଥାନରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏଥିନିମନ୍ତେ ମାଲକାନଗିରି ସିଡିଏମ୍ଓ ଅନୁମତି ପ୍ରଦାନ କରିଛନ୍ତି। ଏହି ଶିବିର ଫେବୃଆରୀ ୧୫ରୁ ୨୦ ପର୍ଯ୍ୟନ୍ତ ଉପାନ୍ତ ନୂଆଗୁଡ଼ା ପଞ୍ଚାୟତ ଅନ୍ତର୍ଭୁକ୍ତ ଆର୍ଏସସି-୧୧ ନମ୍ବର ଓ ୧୯ ନମ୍ବର, ବଡ଼ପଦର ପଞ୍ଚାୟତ ଅନ୍ତର୍ଗତ ବଡ଼ପଦର ଓ ବନଗୁରୁ କଲୋନୀ, ରାଲେଗାଡ଼ା ପଞ୍ଚାୟତ ଅନ୍ତର୍ଭୁକ୍ତ ସାକୁବନ୍ଧା ଏବଂ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଏହି ଶିବିର ଅନୁଷ୍ଠିତ ହେବ। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗୀୟ ଡାକ୍ତର ତଥା ବିଶାଖାପାଟଣା ସ୍ଥିତ ଶଙ୍କର ଫାଉଣ୍ଡେସନର ଚକ୍ଷୁ ବିଭାଗର ପ୍ରଫେସର ଡାକ୍ତର ମାନଙ୍କ ସହାୟତାରେ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ, ଅସ୍ତ୍ରୋପଚର, ଚଷମା ପ୍ରଦାନର ବ୍ରବସ୍ଥା କରାଯିବ ବୋଲି ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ ପରିଚାଳକ ସବଲ୍ କୁମାର ଝା କହିଛନ୍ତି।

# ଜଳସେଚନ ସୁବିଧା ପାଇଁ ପ୍ରଶାସନର ତତ୍ପରତା

**ପଦ୍ମପୁର,୧୫।୧(ଡି.ଏନ୍.ଏ.)**

**କର ପୈଠ ପରେ ବି ଜମିକୁ ଆସୁ ନ ଥିଲା ପାଣି**

ରାୟଗଡ଼ା ଜିଲା ପଦ୍ମପୁର ବଡ଼ନାଳ ପ୍ରକଳ୍ପ ଅଧୀନ ଶାଖା କେନାଲଗୁଡ଼ିକରୁ ଚାଷଜମିକୁ୧୮ ବର୍ଷ ଧରି ଜଳ ପହଞ୍ଚିପାରୁନି। କର ପୈଠକରି ମଧ୍ୟ ଜମିକୁ ଜଳ ମିଳୁନାହିଁ। ଏହାର ପ୍ରତିବାଦ କରି ଯୁବ ବିକାଶ ପରିଷଦ ପକ୍ଷରୁ ଅନଶନ ନେଇ ଚେତାବନୀ ଦିଆଯାଇଥିଲା। ଫଳରେ ଆଗାମୀ ରବି ଋତୁରେ ଚାଷଜମିରେ କିଭଳି ଜଳସେଚନର ସୁବିଧା ହୋଇପାରିବ ସେଥିପାଇଁ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବ୍ଲକ୍ କେନ୍ଦୁଗୁଡ଼ା ଡ୍ୟାମ୍ ନିକଟ ମା' ମଙ୍ଗଳା ମନ୍ଦିରରେ ୨୧ ପାଣି ପଞ୍ଚାୟତର କମିଟି ସଭାପତିଙ୍କୁ ନେଇ ଆଲୋଚନା କରାଯାଇଥିଲା। ବଡ଼ନାଳ କେନାଲ ଉପଖଣ୍ଡ ଉପ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ କେଶରୀ ନାୟକଙ୍କ ଦ୍ୱାରା ଆୟୋଜିତ ବୈଠକରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁର ବ୍ଲକ୍ ଅଧକ୍ଷ ରମାକାନ୍ତ ମାଝି, ବ୍ଲକ୍ ବିଜେଡି ସଭାପତି ରବିନାରାୟଣ ଆଚାର୍ଯ୍ୟ, କୈଳାସ କ୍ରାସ୍କାଙ୍କ ସମେତ ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀମାନେ ଯୋଗଦେଇଥିଲେ। ବଡ଼ନାଳ ଜଳଭଣ୍ଡାରରେ ଗଚ୍ଛିତ ଜଳର ପରିମାଣକୁ ଦୃଷ୍ଟିରେ ରଖି ରବିଚାଷ ନିମନ୍ତେ କିପରି ଜଳର ସୁବିନିଯୋଗ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମୟରେ ବହୁ ଚାଷୀ କେନାଲ ସମସ୍ୟା ବିଷୟରେ ଜଣାଇଥିଲେ। ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନାକରି ସମାଧାନର ପଦକ୍ଷେପ ନେଲେ ସେମାନେ ଉପକୃତ ହେବେ ବୋଲି ପଦ୍ମପୁର ପଞ୍ଚାୟତ ସମିତି ଅଧକ୍ଷ ଏହି ଅବସରରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକରୀ ଯନ୍ତ୍ରୀ ଏମ୍. ମହେଶ୍ୱର ରାଓ, ଇଂ. ସୁଦର୍ଶନ ଶତପଥୀ, କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ଯାଦବ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ରାୟଗଡ଼ା ଅଫିସ,୧୫।୧**

ରାୟଗଡ଼ା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଦ୍ୱାରା ଶୁକ୍ରବାର ଜିଲାର ଚୁଡ଼ାନ୍ତ ଭୋଟର ତାଲିକା-୨୦୨୧ ପ୍ରକାଶ ପାଇଛି। ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୁପାରିଶ କ୍ରମେ ୨୦୨୦ ନଭେମ୍ବର ୧୬ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲାର ୩ଟି ନିର୍ବାଚନ ମଣ୍ଡଳୀ ତଥା ଗୁଣୁପୁର-୧୩୮,ବିଷମକଟକ-୧୩୯ ଓ ରାୟଗଡ଼ା-୧୪୦ ନିର୍ବାଚନ ମଣ୍ଡଳୀରେ ୨୦୨୦ରେ ମୋଟ ୬, ୬୬, ୩୩୬ ଭୋଟର ରହିଥିବାବେଳେ ସଂଶୋଧିତ ତାଲିକା ଅନୁଯାୟୀ ଜିଲାରେ ୨୦୨୧ ଜାନୁୟାରୀ ୧୫ ସୁଦ୍ଧା ମୋଟ ୬, ୭୯, ୨୦୭ ଭୋଟର ରହିଥିବା ଜଣାପଡ଼ିଛି। ଚଳିତ ସଂଶୋଧନରେ ୧୯ହଜାର ୫୮ଜଣ ନୂଆ ଭୋଟର ଯୋଡ଼ି ହୋଇଥିବାବେଳେ ୬୧୮୭ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇ କହିଛନ୍ତି। ନୂତନଭାବେ ତାଲିକାରେ ଯୋଡ଼ି ହୋଇଥିବା ଭୋଟରଙ୍କୁ ଏହି ଅବସରରେ ଜିଲାପାଳ ଅଭିନନ୍ଦନ ଜଣାଇଥିଲେ। ଜାନୁୟାରୀ ୨୫ ଜାତୀୟ ଭୋଟର ଦିବସ ଅବସରରେ ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମରେ ନୂତନ ଭୋଟରମାନେ ସାମିଲ ହେବାକୁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଡିଆଇପିଆର୍ଓ ବସନ୍ତ କୁମାର ପ୍ରଧାନ ଏବଂ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଶଙ୍କର୍ଷଣ ମଙ୍ଗରାଜ, ବ୍ରଜସୁନ୍ଦର ନାୟକ, ଶିବ ପଟ୍ଟନାୟକ , କାଳୀରାମ ମାଝି, ବସନ୍ତ ଉଲକା, ବିଦ୍ୟା ଭୂଷଣ ପଣ୍ଡା, ଶ୍ୟାମ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ନିର୍ବାଚନ ଅଧିକାରୀ ଏବଂ ଅନ୍ୟମାନେ ସଂଶୋଧିତ ଭୋଟର ତାଲିକା ପ୍ରଦର୍ଶନ କରୁଛନ୍ତି ।

**୩ ନିର୍ବାଚନ ମଣ୍ଡଳୀରେ ରହିଛନ୍ତି ୬ଲକ୍ଷ ୭୯ହଜାର ୨୦୭ ଭୋଟର**

# ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

**ସେମିଳିଗୁଡ଼ା/କୋରାପୁଟ, ୧୫।୧(ସ୍ୱ.ପ୍ର.)**

ସେମିଳିଗୁଡ଼ା ପୋଲିସ ଚାଲାଣ ବେଳେ ଏକ ବୋଲେରୋରୁ ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ବିଳମ୍ବିତ ରାତିରେ ପଟ୍ଟାଙ୍ଗୀରୁ ଜୟପୁରକୁ ଏକ ବୋଲେରୋ (ଓଆର୍-୧୦ଏଚ୍-୧୬୧୬)ରେ ଗଞ୍ଜେଇ ଚାଲାଣ କରାଯାଉଥିଲା। ୨୬ ନମ୍ବର ଜାତୀୟ ରାଜପଥର ମିଲ୍ ଛକଠାରେ ସେମିଳିଗୁଡ଼ା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଗାଡିରୁ ୨୨୯ କିଲୋ ଗଞ୍ଜେଇ ମିଳିଥିଲା, ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ପୋଲିସକୁ ଚକ୍‌ମା ଦେବାକୁ ଗାଡି ଭିତର ଦୁଇଟି ଗୁପ୍ତ ଚାମ୍ବର କରାଯାଇ ସେଥିରେ ଗଞ୍ଜେଇ ପ୍ୟାକେଟ୍ ରଖି ଚୋରା ଚାଲାଣ କରାଯାଉଥିଲା ବୋଲି ସୂଚନା ମିଳିଛି। ପଟ୍ଟାଙ୍ଗୀ ଅଞ୍ଚଳର ଜଣେ ଯୁବକଙ୍କୁ ଏହି ଘଟଣାରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପୋଲିସ ୧୪/ ୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ସେମିଳିଗୁଡ଼ା ଥାନାଧିକାରୀ ଧୀରେନ ବେହେରା ସୂଚନା ଦେଇଛନ୍ତି।

# ପୁନଃ ନିଯୁକ୍ତି ଦାବିରେ ଛଟେଇ କର୍ମଚାରୀଙ୍କ ଧାରଣା

**ନବରଙ୍ଗପୁର,୧୫।୧(ବି.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ଓ ପାପଡାହାଣ୍ଡି ଡାକ୍ତରଖାନାର ହେଲ୍‌ପଡେସ୍କରେ ବିଭିନ୍ନ ପଦବୀରେ କାମ କରୁଥିବା ୮ଜଣ କର୍ମଚାରୀଙ୍କୁ ଗତ ଜୁଲାଇରେ ଛଟେଇ କରାଯାଇଥିଲା। ବାରମ୍ବାର ପୁନଃ ନିଯୁକ୍ତି ଦାବିକରି ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିଲା। ଶୁକ୍ରବାର ସିଡିଏମ୍ଓଙ୍କ ଅଫିସ ଆଗରେ ସେମାନେ ଧାରଣାରେ ବସିଛନ୍ତି। କୋଭିଡ୍ ସମୟରେ ସେମାନେ ନିଜ ଜୀବନକୁ ବାଜି ଲଗାଇ ସେବା ଯୋଗାଇଛନ୍ତି। ତାହାକୁ ଅଣଦେଖା କରି ଛଟେଇ କରାଯିବାକୁ ସେମାନେ ନାପସନ୍ଦ କରିଛନ୍ତି। ପୁନଃ ନିଯୁକ୍ତି ଦେବାକୁ ଦାବି କରି ଧାରଣା ଦେଇଥିବା ଛଟେଇ କର୍ମଚାରୀ କହିଛନ୍ତି। ସିଡିଏମ୍ଓ ଶୋଭାରାଣୀ ମିଶ୍ର କହିଛନ୍ତି, ଯେହେତୁ ସରକାର ସେମାନଙ୍କ ଫଣ୍ଡ ବନ୍ଦ କରିଦେଇଛନ୍ତି ତେଣୁ, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ସମ୍ଭବ ନୁହେଁ । ଯଦି କୌଣସି ଆଉଟସୋର୍ସିଂ ପକ୍ଷର ନିଯୁକ୍ତି ବାହାରେ ତେବେ ସେମାନଙ୍କୁ ପ୍ରାଥମିକତା ପ୍ରଦାନ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।



ଧାରଣା ଦେଇଥିବା ଛଟେଇ କର୍ମଚାରୀମାନେ।

# ଜିଲାରେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ

**ନବରଙ୍ଗପୁର,୧୫।୧(ବି.ପ୍ର.)**

କଳାହାଣ୍ଡି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ମଧ୍ୟରେ ଅନେକ ଜଳସେଚନ ପ୍ରକଳ୍ପ ରହିଛି। ଅଧିକାଂଶ ଇନ୍ଦ୍ରାବତୀ ନଦୀ ସମ୍ପର୍କିତ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ନବରଙ୍ଗପୁର ଜିଲାବାସୀଙ୍କୁ କଠୋରଘାତ କରିଛି ବୋଲି ଜିଲା ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମପି ପର୍ଶୁରାମ ମାଝି କହିଛନ୍ତି। ଇନ୍ଦ୍ରାବତୀର ତଳମୁଣ୍ଡରେ ମଧ୍ୟ ଅନେକ ପ୍ରକଳ୍ପ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଏବେ ତାହା ପାଳନ କରାଯାଉ ନାହିଁ ବୋଲି ପର୍ଶୁରାମ କହିଛନ୍ତି। ନବରଙ୍ଗପୁର ଜିଲାର ଉମରକୋଟସ୍ଥିତ ଭାସ୍କଲ ପ୍ରକଳ୍ପକୁ ଛାଡିଦେଲେ ଜଳସେଚନ ପାଇଁ ଅନ୍ୟ କିଛି ସୁବିଧା ନାହିଁ। ଇନ୍ଦ୍ରବତୀ ନଦୀ ଅବବାହିକାର ତଳମୁଣ୍ଡର ସମସ୍ୟା ଗୁଡିକ ଦୂରିକରଣ କରିବା ପାଇଁ ହାର୍ଜା କମିଟ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ। ସେଥିରେ ୭୫ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ, ୩ଶହ ଗଭୀର ନଳକୂପ ଖନନ, ଟୁରୀ, ତେଲେଙ୍ଗିରି, ଭାସ୍କଲ, ବାଙ୍ଗରି ନାଳା, ଲୋୟାର ଇନ୍ଦ୍ରବତୀ ନଦୀବନ୍ଧ, ଇନ୍ଦ୍ରବତୀ ନଦୀରୁ ପ୍ରତି ସେକେଣ୍ଡକୁ ୫.୫ କ୍ୟୁବିକ ମିଟର ଏବଂ ପୁରାନ ଡ୍ୟାମରୁ ୧.୫ କ୍ୟୁବିକ ମିଟର ଜଳ ନିଷ୍କାସନ ପ୍ରସ୍ତାବ ଥିଲା। ଟୁରୀ ଗୁଣିଆଟ ପ୍ରକଳ୍ପ ଆରମ୍ଭ କରିବା ପାଇଁ ୨୦୧୬ରୁ ସେଣ୍ଟ୍ରାଲ ୱାଟର କମିଶନ ଅନୁମତି ଦେଇ ସାରିଛନ୍ତି। ରାଜ୍ୟ ସରକାର ଚାହିଁଲେ ପ୍ରକଳ୍ପ ଆରମ୍ଭ ହୋଇ ପାରିବ। କିନ୍ତୁ ନବରଙ୍ଗପୁର ଜିଲାର କୃଷକଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଇଚ୍ଛା ପ୍ରକାଶ କରୁ ନାହାଁନ୍ତି। ପୋଡଶୀ ଜିଲାରେ ଗୋଟିଏ ପରେ ଗୋଟିଏ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ନବରଙ୍ଗପୁର ଜିଲାରେ ପ୍ରବାହିତ ଜଳକୁ ବନ୍ଦ କରି ଅନ୍ୟ ଜିଲାକୁ ଦେବା ଘୋର ଅନ୍ୟାୟ। ସର୍ବହରା ହୋଇଥିବା ନବରଙ୍ଗପୁର ଜିଲାର କୃଷକଙ୍କ ପାଇଁ ଜଳସେଚନର ବ୍ୟବସ୍ଥା ନକରି କଟା ଘାଆରେ ଚୁନ ଦେଲାଭଳି ରାଜ୍ୟ ସରକାର କାମ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ନବରଙ୍ଗପୁର ଜିଲାର ପ୍ରସ୍ତାବିତ ସମସ୍ତ ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଯାଉ ନ ଚେତ କୃଷକଙ୍କ ସ୍ୱାର୍ଥ ପାଇଁ ଭାଜପା ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି। ବିଜେଡି ସରକାରଙ୍କ ନବରଙ୍ଗପୁର ଜିଲାପ୍ରତି ବୈମାତୃକ ମନୋଭାବ ରହିଛି। କୃଷକଙ୍କ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଆନ୍ଦୋଳନ ହେବ ବୋଲି ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତିଯେ, ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ଖଗେଶ୍ୱର ଖାଓଙ୍ଗା, ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ, ସତ୍ୟବାଦୀ ଷଡଙ୍ଗୀ, ପିଣ୍ଟୁ ମିଶ୍ର, ଅରୁଣ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତଶ ଓ କର୍ମୀମାନେ।

## ୭୨କେ.ଜି. ଗଞ୍ଜେଇ ଜବତ

ମାଲକାନଗିର,(ଡି.ଏନ୍.ଏ.)- ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ଶୁକ୍ରବାର ୭୨ କେ.ଜି. ଗଞ୍ଜେଇ ଜବତ କରାଯାଇଛି। ଅମିତ୍ ମଣ୍ଡଳ ନାମକ ଯୁବକ ଏକ ଅଟୋ ଯୋଗେ ଏମ୍‌ଭି- ୮ରୁ ଏମ୍‌ଭି-୭କୁ ଚୋରାଚାଲାଣ କରୁଥିବା ସୂଚନା ପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍‌ଙ୍କ ନିର୍ଦ୍ଦେଶ କ୍ରମେ ଇନ୍‌ସ୍ପେକ୍ଟର ଗଙ୍ଗା ପାଇକରାୟ, ଏଏସ୍‌ଆଇ ଦିନେଶ କୁମାର, କନେଷ୍ଟବଳ କାହ୍ନୁଚରଣ ମଲ୍ଲିକ ପ୍ରମୁଖ ଚଢ଼ାଉ କରି ଉକ୍ତ ଅଟୋକୁ ଧରିଥିଲେ। ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଟିକାଦାନ କେନ୍ଦ୍ରରେ ପ୍ରସ୍ତୁତି ତଦାରଖ କଲେ ଜିଲାପାଳ

**କୋରାପୁଟ/ନବରଙ୍ଗପୁର, ୧୫।୧(ସ୍ୱ.ପ୍ର./ବି.ପ୍ର.)**



କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଟିକାକରଣ କେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଶନିବାର କରୋନା ଟିକାକରଣ କରାଯିବ। ଏଥିପାଇଁ ବିଭିନ୍ନ ଜିଲାରେ କରୋନା ଟିକା ପହଞ୍ଚି ସାରିଛି। କୋରାପୁଟ ଓ ନବରଙ୍ଗପୁର ଜିଲାପାଳ ନିଜ ଜିଲାରେ ଟିକାକରଣ କିପରି କରାଯିବ ତାହାର ସ୍ଥିତି ସମୀକ୍ଷା କରିଛନ୍ତି।

କୋରାପୁଟ ଜିଲାପାଳ ମଧୁସୁଧନ ମିଶ୍ର ଶୁକ୍ରବାର ସ୍ଥାନୀୟ ଗାନ୍ଧୀନଗରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ଜିଲାର ସମସ୍ତ ୫ଟି ଟିକାକରଣ କେନ୍ଦ୍ରରେ ପ୍ରସ୍ତୁତି କାର୍ଯ୍ୟ ନେଇ ସିଡିଏମଓ ମକରନ୍ଦ ବେଉରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ଶନିବାର କୋରାପୁଟ ଗାନ୍ଧୀନଗରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସମେତ କୋରାପୁଟ ମେଡିକାଲ କଲେଜ, ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ବୋରିଗୁମ୍ମା ଓ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୨ ହଜାର ୭୬ ଜଣଙ୍କୁ ଟିକା ଦିଆଯିବା ଲକ୍ଷ୍ୟ ରହିଛି।

ସେହିଭଳି ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଶୁକ୍ରବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଟୀକାକରଣ କେନ୍ଦ୍ରକୁ ଯାଇ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ନବରଙ୍ଗପୁର ଜିଲା ମୁଖ୍ୟ ଡାକ୍ତରଖାନା ସମେତ ଏମସିଏଚ, ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟୀକାକରଣ କରାଯିବ। ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ ଟୀକା ନେବେ ସେମାନେ ପରିଚୟପତ୍ର ଦେଇ ଭିତରକୁ ଯିବେ। ଜିଲାରେ ମୋଟ ୯୩୪୫ ଜଣ ଟୀକାକରଣ ପାଇଁ ନାମ ପଞ୍ଜିକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ

**କୋରାପୁଟରେ ୫, ନବରଙ୍ଗପୁରରେ ୪ କେନ୍ଦ୍ରରେ ଦିଆଯିବ ଟିକା**

୬୩୦୦ ଜଣଙ୍କୁ ଟୀକା ଦିଆଯିବ। ତେବେ ଟୀକାକରଣ କେନ୍ଦ୍ରରେ ସମ୍ଭାବ୍ୟ ପାର୍ଶ୍ୱପ୍ରତିକ୍ରିୟା ପାଇଁ ମଧ୍ୟ ମେଡିକାଲ ଟିମ୍‌କୁ ପ୍ରସ୍ତୁତ କରାଯାଇଛି। ସପ୍ତାହ ବ୍ୟାପି ଟିକାକରଣ କରାଯିବ ବୋଲି ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର କହିଛନ୍ତି। ପ୍ରତ୍ୟେକ କେନ୍ଦ୍ରରେ ଶନିବାର ୧୦୦ ଜଣ ଲେଖାଏ କର୍ମଚାରୀଙ୍କୁ ଟୀକା ଦିଆଯିବ। ପ୍ରଥମେ ସଫେଇ କର୍ମଚାରୀଙ୍କୁ ଏହି ଟିକା ଦିଆଯିବ। ଏହାପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଜିଲାପାଳ ଯୋଗଦେଇ ଟୀକାକରଣର ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର ନିୟୋଜନ) ଆର୍. ବିଜୟ କୁମାର, ଏଡିଏମ୍‌ଓ (ମେଡିକାଲ) ସୁଶାନ୍ତ କୁମାର ବେହେରା, ଏଡିଏମଓ (ଜନସ୍ୱାସ୍ଥ୍ୟ) ମଳୟ କୁମାର ତ୍ରିପାଠୀ, ସୁକାନ୍ତ ଶତପଥୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ଓ ହସ୍ପିଟାଲ ମ୍ୟାନେଜର ରୂପସି ମଧୁମିତା ନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁନଃ ବିଚାର ପାଇଁ କୁନ୍ଦୁଲି ପୀଡିତାଙ୍କ ପରିବାରର ଆବେଦନ
### ୨୫ରେ ହେବ ଶୁଣାଣି

ଜୟପୁର ୧୫।୧(ନି.ପ୍ର.)- କନ୍ଦୁଲି ଗଣ ଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାର ଫାଇନାଲ ରିପୋର୍ଟ ପଟାଙ୍ଗୀ ପୋଲିସ କୋର୍ଟରେ ଦାଖଲ କରିସାରିଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ମାମଲାର ପୁନଃ ବିଚାର ପାଇଁ ଆବେଦନ କରିଛନ୍ତି ପିଡିତାର ପରିବାର। ଏହାର ଶୁଣାଣି ଆସନ୍ତା ୨୫ ତାରିଖରେ ହେବ ବୋଲି ସୂଚନା ମିଳିଛି। ଗଣ ଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାର ଫାଇନାଲ ଫର୍ମ ଜୟପୁରସ୍ଥିତ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟରେ ପଟାଙ୍ଗୀ ପୋଲିସ ଦାଖଲ କରି ସାରିଥିବାବେଳେ ଏଥିରେ କୌଣସି ତଥ୍ୟ ପ୍ରମାଣ ନ ଥିବାରୁ ମାମଲାକୁ ଖାରଜ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

### ପ୍ରଥମ ଦିନରେ ୧୦୦ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକା



ଗୁଣପୁର,୧୫।୧(ଡି.ଏନ୍.ଏ.)- କୋଭିଡ୍ ଟିକାକରଣ ପାଇଁ ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରସ୍ତୁତି ସରିଛି। ଶୁକ୍ରବାର ଏଠାରେ ଟିକା ପହଞ୍ଚିଛି। ଏଗୁଡ଼ିକୁ ଶୀତତାପ ନିୟନ୍ତ୍ରିତ ବାକ୍ସରେ ସୁରକ୍ଷିତ ରଖାଯାଇଛି। ଶନିବାର ପ୍ରଥମ ଦିନରେ ୧୦୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣ କରାଯିବ ବୋଲି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ ନିମନ୍ତେ କରୋନା ଟିକକରଣ କେନ୍ଦ୍ରରେ ସ୍କ୍ରିନ୍ ଲଗାଯିବା ସହ ହାଇସ୍ପିଡ୍ ଇଣ୍ଟରନେଟ୍ ବ୍ୟବସ୍ଥା ହୋଇଛି।

### ଦାବି ପୂରଣ ନ ହେଲେ ନେବେନି ଟିକା

ନବରଙ୍ଗପୁର,୧୫।୧(ବି.ପ୍ର.)- ଓଡିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ କରୋନା ଟୀକା ଗ୍ରହଣ କରିବେ ନାହିଁ ବୋଲଲି ସେମାନେ କହିଛନ୍ତି। କଳାବ୍ୟାଜ୍ ପିନ୍ଧି ସମସ୍ତ ସହଯୋଗ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର ଦିଆଯାଇଛି। ଶନିବାର ଏହାକୁ ନେଇ କଣ କରାଯାଇ ପାରିବ ତହା ଦେଖାଯିବ ବୋଲି କହିଛନ୍ତି।

### ୨୪୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ,୧୫।୧(ସ୍ୱ.ପ୍ର.)- କୋରାପୁଟ ଜିଲାପାଳ ମଧୁସୁଧନ ମିଶ୍ର ଓ ଜିଲା ଅବକାରୀ ଅଧିକ୍ଷକ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ନନ୍ଦପୁର ଥାନା ଅଞ୍ଚଳରୁ ୨୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଧାନୁ କୁମାଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, କୋରାପୁଟ ଅବକାରୀ ନୀରିକ୍ଷକ ତେଜରାଜ ଜାନିଙ୍କ ନେତୃତ୍ୱରେ ଏକ ଟିମ୍ ନନ୍ଦପୁର ଥାନାର ଜନତାଗୁଡା ଗ୍ରାମରେ ଚଢାଉ କରିଥିଲା। ସେଠାରୁ ୬ଟି ବସ୍ତାରେ ରଖା ଯାଇଥିବା ୨୪୦ କେଜି ଗଞ୍ଜେଇ ଜବତ କରାଯାଇଛି।

# ଚାଲାଣବେଳେ ୩୦ ଯୁବତୀ ଉଦ୍ଧାର

**ଉମରକୋଟ, ୧୫।୧(ସ୍ୱ.ପ୍ର.)**

ରାଇଘରରୁ ଏକ ଘରୋଇ ବସ୍ ଯୋଗେ ଚାଲାଣ କରାଯାଉଥିବା ୩୦ଜଣ ଯୁବତୀଙ୍କୁ ଉମରକୋଟ ପୋଲିସ ଉଦ୍ଧାର କରିଛି। ଯୁବତୀମାନଙ୍କୁ ବସ୍ ଯୋଗେ ଭୁବନେଶ୍ୱର ପଠାଯାଉଥିଲା। ସେଠାରୁ ସେମାନଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରାଯିବା ନେଇ ଉମରକୋଟ ଏସ୍‌ଡିପିଓ ଖବର ପାଇଥିଲେ। ଏହାପରେ ଉମରକୋଟ ଥାନାଧିକାରୀ ଲିଙ୍ଗରାଜ ପ୍ରଧାନ, ଏସ୍‌ଆଇ ପ୍ରମୋଦ ଖଣ୍ଡୁଆଳ, ରଞ୍ଜିତା ବେହେରାଙ୍କ ତତ୍ତ୍ୱାବଧାନରେଏକ ଟିମ୍ ଉମରକୋଟ ବସ୍‌ଷ୍ଟାଣ୍ଡରେ ଚଢାଉ କରି ଯୁବତୀଙ୍କୁ ଉଦ୍ଧାର କରି ସେମାନଙ୍କ ଘରକୁ ପଠାଇଛନ୍ତି। ଏହି ଘଟଣାରେ ରାଇଘର ନିବାସୀ ସୁବର୍ଣ୍ଣ ସୁନାନୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ବନ ବିଭାଗ ଗାଡ଼ିକୁ କାଠ ମାଫିଆଙ୍କ ଆକ୍ରମଣ



**କୁନ୍ଦୁରା ୧୫।୧(ଡି.ଏନ୍.ଏ.)**

**କାଠ ଜବତ**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସୀମାନ୍ତ ରାଣୀଗୁଡାରେ କାଠ ଚୋରା ଚାଲାଣ କରୁଥିବା ମାଫିଆ ଧରାପଡିବା ଭୟରେ ବନ ବିଭାଗ ଗାଡିକୁ ଆକ୍ରମଣ କରି ଭାଙ୍ଗି ଦେଇଛନ୍ତି। କୋଟପାଡ ବନାଞ୍ଚଳ ରେଞ୍ଜର ଲିପ୍ସିତା କହଁରଙ୍କ ସୂଚନା ମୁତାବକ କୋଟପାଡ ରେଞ୍ଜ ଅଧୀନ ବନାଞ୍ଚଳରେ ମୂଲ୍ୟବାନ କାଠ କାଟି ଚୋରି କରାଯାଉଥିଲା। ତାହାକୁ ଧରିବାକୁ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି। ଶୁକ୍ରବାର ଭୋର ୫ଟାରେ ୪ ବାଇକ୍‌ରେ କାଠ ଚାଲାଣ ହେଉଥିବା ଦେଖି ବନବିଭାଗ କର୍ମଚାରୀ ତାଙ୍କୁ ଧରିବାକୁ ପିଛା କରିଥିଲେ। ୩ଟି ଗାଡିକୁ ବନ ବିଭାଗ ଅଟକାଇଥିବା ବେଳେ ଗୋଟିଏ ଗାଡି ପଳାଇଥିଲା। ଉକ୍ତ ଫେରାର କାଠ ଚାଲଣକାରୀ କିଛି ଲୋକଙ୍କୁ ଡାକି ବନ ବିଭାଗ ଗାଡିକୁ ଆକ୍ରମଣ ଏବଂ ଭଙ୍ଗାରୁଜା କରିବା ସହ ଅଟକ ୩ ଗାଡିକୁ ନେଇଯାଇଥିବା ସୂଚନା ମିଳିଛି। କୋଟପାଡ ରେଞ୍ଜର କୁନ୍ଦୁରା ଥାନାଧିକାରୀ ଶେଷଦେବ ବେହେରାଙ୍କୁ ଜଣାଇବା ପରେ କୁନ୍ଦୁରା ଥାନା ଏଏସ୍‌ଆଇ ଅକ୍ଷୟ ମିଶ୍ର, କନଷ୍ଟେବଳ ପ୍ରଦୀପ ନାୟକ, ବିଜୟ ସାମଲ ସେଠାକୁ ଯାଇ ୭୮ ଖଣ୍ଡ ବିଜା କାଠ ଏବଂ ୯ ଖଣ୍ଡ ଶାଳ ସାଇଜ କାଠ ଜବତ କରିଥିଲେ। ଏହି ଖବର ଶୁଣିବା ପରେ ଓସିଏଫ୍ ସୁବାଷ ଚନ୍ଦ୍ର ଖୁଣ୍ଟିଆ ଏବଂ ପ୍ରଭୂଦତ୍ତ ମିଶ୍ର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହାକୁ ନେଇ କୋଟପାଡ ରେଞ୍ଜର ଲିପ୍ସିତା କହଁର କୁନ୍ଦୁରା ଥାନାରେ ଏତଲା ଦାଖଲ କରିଥିବା ବେଳେ ୪/୨୧ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

# ଶିଶୁମଙ୍ଗଳ ସମିତିର ଭ୍ରାମ୍ୟମାଣ ଅଦାଲତ

**ମାଲକାନଗିରି,୧୫।୧(ଡି.ଏନ୍.ଏ.)**



ଲୋକ ଅଦାଲତରେ ଅଧିକାରୀମାନେ ସମସ୍ୟା ବୁଝୁଛନ୍ତି ।

ମାଲକାନଗିରି ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ମାଥିଲି ସମନ୍ୱିତ ଶିଶୁ ବିକାଶ ଯୋଜନାର ମିଳିତ ପ୍ରୟାସରେ ପାଙ୍ଗାମଠାରେ ଭ୍ରାମ୍ୟମାଣ ଶିଶୁ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ଆବଶ୍ୟକ କରୁଥିବା ଅସହାୟ ଶିଶୁଙ୍କ ଦାୟିତ୍ୱ କିପରି ନିଆଯିବ ସେ ବିଷୟରେ ଶିଶୁ ସୁରକ୍ଷା ୟୁନିଟକୁ ଏହି ଅଦାଲତରେ ନିର୍ଦ୍ଦେଶ ଦିଆଯାଇଥା। ଏଥିରେ ମାତା, ପିତା ନ ଥିବା ୨୫୦ଶିଶୁଙ୍କ ସମ୍ପର୍କୀୟ ଏବଂ ଦିବ୍ୟାଙ୍ଗ ଶିଶୁଙ୍କ ମାତା, ପିତା ଯୋଗ ଦେଇଥିଲେ। ଅସୁରକ୍ଷିତ ଶିଶୁଙ୍କୁ ଥଇଥାନ ନିମନ୍ତେ ଆବଶ୍ୟକ ରିପୋର୍ଟ ନିଆଯାଇ ଆଗାମୀ ଦିନରେ ଏମାନଙ୍କୁ ଉପଯୁକ୍ତ ଥଇଥାନ କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଭରଣପୋଷଣ ଆଦି ସମସ୍ତ ଦାୟିତ୍ୱ ନିଆଯିବ ବୋଲି କୁହାଯାଇଥିଲା। ତେବେ ଏକ ସର୍ଭେ ଅନୁଯାୟୀ ମାଲକାନଗିରି ଜିଲାରେ ୧୧ହଜାର ୮ଶହ ୭୦ ମାତା, ପିତା ନ ଥିବା କିମ୍ବା ଏକକ ଅଭିଭାବକ ଥିବା ପିଲାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପୁର୍ନବାସ କରାଯିବ। ଏଥିରେ କ୍ୟାମ୍ପ କୋର୍ଟ ଶିଶୁ କଲ୍ୟାଣ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ, ସଦସ୍ୟା ରୁମ୍‌କି ବେହେରା, ଦିନବନ୍ଧୁ ଦାସ, ରାମଗୋବିନ୍ଦ ପଣ୍ଡା, ସୁନାକର ପାଲଙ୍କ ସମେତ ଶିଶୁ ବିକାଶ ସୁରକ୍ଷାର ପଦାଧିକାରୀ ଉପସ୍ଥିତ ଥିଲେ।

# କବି କରୁଣାକରଙ୍କୁ ଫକୀର ମୋହନ ସ୍ମୃତି ସମ୍ମାନ

**କୋରୁକୋଣ୍ଡା ୧୫।୧(ଡି.ଏନ୍.ଏ.)**

ଶିକ୍ଷକତାକୁ ଜୀବନର ବ୍ରତ କରିଥିବା ଶିକ୍ଷକ କରୁଣାକର ମଳିକ ସାହିତ୍ୟ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ଗୁରୁବାର ମକର ସଂକ୍ରାନ୍ତି ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ବିଶଶାନ୍ତି ଯୋଗାଶ୍ରମ ଭୁବନେଶ୍ୱରରେ ନିଶିଗନ୍ଧା ସାହିତ୍ୟ ସଂସଦ ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମ ଅଧିପତି ବିଚିତ୍ରାନନ୍ଦ ସରସ୍ୱତୀ, କବି ପ୍ରସନ୍ନ ପାଟ୍ଟଶାଣୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସ ଚନ୍ଦ୍ର ଦାଶ, ବିଶିଷ୍ଟ କବି ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ରଜନୀ ରଞ୍ଜନ ଦାଶ, କବି ପ୍ରସନ୍ନ କୁମାର ନାୟକ, ଭୁବନେଶ୍ୱର ଉପଜିଲାପାଳ ନିବେଦିତା ବିଶ୍ୱାଳ, ଯାତ୍ରା ଜଗତର ସଂଳାପକ କବି ଅନୀଲ ଦୀକ୍ଷିତ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ତଥା କବି ଚିତ୍ତରଞ୍ଜନ ନନ୍ଦ, ଆଇନଜୀବୀ ତ୍ରିପତି ବାଲାଜୀ ମିଶ୍ର, ଅନୁଷ୍ଠାନର ପଥପ୍ରଦର୍ଶକ ବାଗ୍ମୀ ପଦ୍ମନାଭ ତ୍ରିପାଠୀ, ସଭାପତି ଚକ୍ରଧର ତ୍ରିପାଠୀ, ପ୍ରତିଷ୍ଠାତା ବଳରାମ ତରାଇ, ସମ୍ପାଦିକା ସରସ୍ୱତୀ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠାନ ତରଫରୁ ମଲିକଙ୍କୁ ବ୍ୟାସକବି ଫକୀର ମୋହନ ସ୍ମୃତି ସମ୍ମାନ-୨୦୨୧ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମଲିକଙ୍କ ଦ୍ୱିତୀୟ କବିତା ସଙ୍କଳନ 'ଅଛିଣ୍ଡା ଗଣିତ, ଅଶୁଝା ଋଣ' ଉନ୍ମୋଚନ କରାଯାଇଥଲା।

# କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନ ବିଷୟରେ ଅନ୍‌ଲାଇନ୍ ପାଠଚକ୍ର

**ଗୁଣପୁର,୧୫।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଅନ୍‌ଲାଇନ୍ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ 'କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନ' ବିଷୟକୁ ନେଇ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜର ଅଧକ୍ଷ ବାମଦେବ ମିଶ୍ର ସ୍ୱାଗତ ଭାଷଣ ରଖିଥିବାବେଳେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଗଣେଶ୍ୱର ଶତପଥୀ ବିଭାଗ ପକ୍ଷରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅହ୍ଲାବାଦସ୍ଥିତ ହରିଶ୍ଚନ୍ଦ୍ର ଗବେଷଣା ସଂସ୍ଥାର ପ୍ରଫେସର ଅରୁଣ କୁମାର ପତି ମୁଖ୍ୟବକ୍ତା ରୂପେ ଯୋଗଦେଇ ତରଙ୍ଗ ଓ କଣିକାର ଦ୍ୱୈତ ପ୍ରକୃତି ଓ ଅନିଶ୍ଚିତତାର ନିୟମ ବିଷୟରେ ଦୃଷ୍ଟିପାତ କରିଥିଲେ। ଅଧାପକ ସୂର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ଦେବିଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। କଲେଜର ଛାତ୍ରୀଛାତ୍ରଙ୍କ ସମେତ ଆଇକ୍ୟୁଏସିର ସଂଯୋଜକ ଅଧାପକ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧାପକ ଶଶିଭୂଷଣ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଅଧାପକ ସତିଶ୍ କମାର ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ଜଗନ୍ନାଥ ଦୀପ, ଡୋଳମଣି କୁମ୍ଭାର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିବାଦ, ଧାରଣା

**ମାଲକାନଗିର,୧୫।୧(ଡି.ଏନ୍.ଏ.)**



ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିବା ସ୍ୱାସ୍ଥ୍ୟକର୍ମୀମାନେ ।

ବିଭିନ୍ନ ଦାବି ସହ ମାଲକାନଗିରି ଜିଲା ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଶୁକ୍ରବାର ପ୍ରତିବାଦ କରିବା ସହ କରିବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଧାରଣା ଦେଇଥିଲେ। ରାଜ୍ୟରେ କାର୍ଯ୍ୟରତ ୧୫ ହଜାରରୁ ଊର୍ଦ୍ଧ୍ୱ ବହୁମୁଖୀ ମହିଳା ଓ ପରୁଷ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପ୍ରତି ସ୍ୱାସ୍ଥ୍ୟ ବିଭାଗ ଅବହେଳା ପ୍ରଦର୍ଶନ କରୁଥିବା ସେମାନେ ଦର୍ଶାଇଛନ୍ତି ଏ ନେଇ ପ୍ରତିବାଦ କରି ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ସଂଘ ପକ୍ଷରୁ ଆଗାମୀ ଦିନରେ କରୋନା ଟିକା ଗ୍ରହଣ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି କଳା ବ୍ୟାଜ୍ ପିନ୍ଧି କରୋନା ଟିକାକରଣ କାର୍ଯ୍ୟରେ ଯୋଗ ଦେବେ ବୋଲି କହିଛନ୍ତି। ଏହି କ୍ରମରେ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀମାନେ ଏକତ୍ରିତ ହୋଇ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ଜରିଆରେ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କର୍ମୀ ଭାଗିରଥି ବେହେରା, ମଙ୍ଗରାଜ ଡୁରୁକା, ପ୍ରତିମା ଦେବନାଥ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍



କାୟାକଳ୍ପ ଟିମ୍ ଡାକ୍ତରଖାନା ବୁଲି ଦେଖୁଛନ୍ତି।

**କୋଡିଙ୍ଗା, ୧୫।୧(ଡି.ଏନ୍.ଏ.)**

ରାଜ୍ୟ କାୟାକଳ୍ପର ଏକ ପ୍ରତିନିଧି ଦଳ କୋଷାଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଦର୍ଶନ କରିଛନ୍ତି। କାୟାକଳ୍ପ ପ୍ରତିନିଧି ଦଳର ଯୁଗ୍ମ ନିର୍ଦ୍ଦେଶକ (ସୁନେତ୍ର କାର୍ଯ୍ୟକ୍ରମ) ଜଗବନ୍ଧୁ ଷଡଙ୍ଗୀ, ପ୍ରୋଜେକ୍ଟ କଂସଲେଟେଡ(ଏଆଇଆଇଏଚ୍‌ଏମ୍‌ଏସ୍) ଭୁବନେଶ୍ୱର ରୁଦ୍ର ନାରାୟଣ ପ୍ରଧାନ, ଷ୍ଟେଟ୍ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ(ଅର୍ବାନ ହେଲ୍‌ଥ)ସୁକାନ୍ତ କୁମାର ମିଶ୍ର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପରସ୍କାର ପରିଚ୍ଛନତା ତଦାରଖ କରିଛନ୍ତି। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ମେଲ୍ ଫିମେଲ୍ ୱାର୍ଡ, ଔଷଧ ଗୋଦାମ, ବିତରଣ କେନ୍ଦ୍ର, ରକ୍ତ ପରୀକ୍ଷାଗାର, ଶିଶୁ ଉଦ୍ୟାନ ଆଦି ତଦାରଖ୍ କରି ଖୁସି ବ୍ୟକ୍ତ କରିଥିଲେ। ଏହି ସମୟରେ ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଜ୍ଞାନ ରଞ୍ଜନ ପାଢି, ସ୍ମୃତିଶ୍ରୀ ମହାପାତ୍ର, ଅର୍ପିତା ଖୁରା, ମାନସ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜ ମୁଖ୍ୟ ସ୍ରୋତରେ ସାମିଲ ହୁଅ

**କୋରାପୁଟ,୧୫।୧(ସ୍ୱ.ପ୍ର.)**

**■ କୋରାପୁଟ ମଣ୍ଡଳ କାରାଗାରରେ ଦୀକ୍ଷା କାର୍ଯ୍ୟକ୍ରମ**

**■ ମହିଳା ଅନ୍ତେବାସୀଙ୍କୁ ଦିଆଯିବ ବ୍ୟୁଟିପାର୍ଲର ତାଲିମ**

ଜନଶିକ୍ଷଣ ସଂସ୍ଥା ପକ୍ଷରୁ କୋରାପୁଟ ମଣ୍ଡଳ କାରାଗାରରେ ଶୁକ୍ରବାର ଏକ ଦିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜନଶିକ୍ଷିଣ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ଡଃ ରେିଚେଲ ରାୟକୁମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମଣ୍ଡଳ କାରଗାର ଅନ୍ତେବାସୀମାନେଏଠାରୁ ବାହାରି କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ନେଇ ଗୁରୁତ୍ୱରୋପ କରିଥିଲେ। ପ୍ରଶିକ୍ଷଣରେ ସାମିଲ ହୋଇଥିବା ଅନ୍ତେବାସୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଜନଶିକ୍ଷଣ ସଂସ୍ଥା ପକ୍ଷରୁ ମଣ୍ଡାଳକାରଗାର ଅର୍ନ୍ତେବାସୀମାନଙ୍କୁ ଦୁଇଟି ବ୍ୟାଚରେ ମୋଟ ୪୦ ଜଣଙ୍କୁ ଇଲେକ୍‌ଟ୍ରିଆଲ ଓ ପ୍ରାଯୁକ୍ତିକ ତାଲିମ ପ୍ରଦାନ କରାଯାଇଥିଲା। ଦୀର୍ଘ ୫ ମାସ ଧରି କରାଯାଇଥିବା ଏହି ତାଲିମରେ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଉଭୟ ଶ୍ରେଣୀ ଗୃହ ଓ ପ୍ରାକ୍ଟିକାଲ ତାଲିମ ମିଳିଛି। ପ୍ରଶିକ୍ଷାର୍ଥୀଙ୍କ ଉନ୍ନତ ଜୀବନ ବିତାଇବାକୁ ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଛି। ଆଗାମୀ ଦିନରେ ମଣ୍ଡଳ କାରଗାରର ମହିଳା ଅନ୍ତେବାସୀଙ୍କୁ ବ୍ୟୁଟିପାର୍ଲର ତାଲିମ ଦିଆଯିବ ବୋଲି ଜନଶିକ୍ଷଣ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଡିଆରଡିଏ ଏପିଡି ମହେଶ୍ୱର ନାୟକ, ଡେପୁଟି କଲେକ୍ଟର ଅଶୋକ କୁମାର କର୍ଣ୍ଣ ଯୋଗଦେଇଥିଲେ। ଏହି ଅବସରରେ ମଣ୍ଡଳକାରଗାର ଜେଲର ଗଗନ ବିହାରି ସାହୁ, କାରା ମଙ୍ଗଳ ଅଧିକାରୀ ରୁଦ୍ରପ୍ରତାପ ମେହେର, ସହକାରୀ କାରାଅଧିକାରୀ ଇନ୍ଦ୍ରଜୀତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କିରଣ ମଣି ପରିଚାଳନା କରିଥିଲେ।

# ତୃତୀୟ ଲିଙ୍ଗୀଙ୍କ ଅଧିକାର ବିଷୟରେ ସଚେତନତା

**ରାୟଗଡ଼ା ଅଫିସ,୧୫।୧**



ଅନ୍‌ଲାଇନ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ୩ୟ ଲିଙ୍ଗ ତଥା କିନ୍ନରଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ବରିଷ୍ଠ ଦେୱାନୀ ବିଚାରପତି ସତରୂପା ଶତପଥୀ, ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ପ୍ରସାଦ ଦାଶ, ନ୍ୟାୟାଧିକାରୀ ତଥା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସୁବାସିନୀ ବେହେରା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା, ଗୁରୁଚରଣ ଜେନାମଣି, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଦିପତି କଅଁର, ମାଁ ମାଝିଗୌରି କମ୍ୟୁନିଟି ବେସଡ୍ ଅର୍ଗାନାଇଜେଶନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ୩ୟ ଲିଙ୍ଗୀଙ୍କ ଅଧିକାର, କର୍ତ୍ତବ୍ୟ ଏବଂ ସରକାରଙ୍କ ଦ୍ୱାରା ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଡିଏଲ୍‌ଏସ୍‌ଏର ସମ୍ପାଦକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟୋକନ୍ ସମସ୍ୟା ଯୋଗୁ ବାହାରେ ବିକୁଛନ୍ତି ଧାନ

**ମୁନିଗୁଡ଼ା,୧୫।୧(ଡି.ଏନ୍.ଏ.)**

**ମଣ୍ଡି ଉପରୁ ଆସ୍ଥା ହରାଉଛନ୍ତି ଚାଷୀ**

ରାୟଗଡ଼ା ଜିଲାରେ ବିଭିନ୍ନ ସ୍ଥାନରେ ମଣ୍ଡିରେ ଅବ୍ୟବସ୍ଥା ନେଇ ବାରମ୍ବାର ଅଭିଯୋଗ ହେଉଛି। ଟୋକନ ମିଳିଲେ ଧାନ ବିକ୍ରି ହେବ। ହେଲେ ଅନେକ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ବର୍ଷକର ଫସଲକୁ ବାଧହୋଇ କମ୍ ଦରରେ ବିକ୍ରି କରୁଛନ୍ତି। ଏଭଳି ପରିସ୍ଥିତିରେ ଚାଷୀ ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ହରାଉଛନ୍ତି।

ଜିଲାର ମୁନିଗୁଡ଼ା ବ୍ଲକ୍‌ରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଧାନ କୁଇଣ୍ଟାଲ ପିଛା ୧୮ଶହ ଟଙ୍କା ସରକାରୀ ମୂଲ୍ୟ ଧାର୍ଯ୍ୟ ହୋଇଥିବାବେଳେ ଅଞ୍ଚଳର ଜଣେ ଚାଷୀ ନିଜର ୩୦ କୁଇଣ୍ଟାଲ ଧାନ ବାହାରେ ମାତ୍ର ୧୫ଶହ ଟଙ୍କା(ପ୍ରତି କୁଇଣ୍ଟାଲ)ରେ ବିକ୍ରି କରିଥିବା କହିଛନ୍ତି। ମଣ୍ଡିରେ ଧାନ ବିକ୍ରି ନିମନ୍ତେ ଟୋକନ ନ ମିଳିବାରୁ ସେ ବାହାରେ ବିକ୍ରି କରିଥିବା ଚାଷୀ ଜଣଙ୍କ ନିଜ ପରିଚୟ ନ ଦେଇ କହିଛନ୍ତି। ତାଙ୍କ କହିବା ହେଲା ଗାଁ ଏବଂ ନିକଟ ଗ୍ରାମର କେତେଜଣ ଟୋକନ ପାଇଥିବା ଚାଷୀ କୁଇଣ୍ଟାଲ ପ୍ରତି ୧୮ଶହ ଟଙ୍କାରେ ଧାନ ବିକ୍ରି କରିଛନ୍ତି। ହେଲେ ତାଙ୍କୁ ଟୋକନ ନ ମିଳିବାରୁ ସେ ସିଧାସଳଖ ୯ହଜାର ଟଙ୍କା କ୍ଷତି ସହିଛନ୍ତି। ହେଲେ ଏଥିପାଇଁ ତାଙ୍କ ମନରେ ଦୁଃଖ ନ ଥିଲା। ଏ ନେଇ ସେ କହିଛନ୍ତି, ଆମେ ଚାଷ କରିବା ସମୟରେ ଚାଷୀ। କ୍ଷତି ହେଲେ ମଧ ଧାନ ବିକିଲେ ଚଳିବୁ। ଚାଷରେ କ୍ଷତି ହେଲେ ଶ୍ରମିକଭାବେ କାମ କରିବୁ। କଷ୍ଟ ପଡ଼ିଲେ ଆମ ପରିବାର ଚଳିବ ବୋଲି ସେ କହିଥିଲେ। ତେବେ ଏହି ସମସ୍ୟା ଜଣେ ଚାଷୀଙ୍କର ନୁହେଁ, ବ୍ଲକ୍‌ରେ ଅନେକ ଚାଷୀଙ୍କ ସମାନ ଅବସ୍ଥା। ସୂଚନାଯୋଗ୍ୟ, ଚାଷୀ ଯେପରି ନିଜ ଉତ୍ପାଦିତ ଧାନର ଉଚିତ ମୂଲ୍ୟ ପାଇବେ, ସେଥିପାଇଁ ସରକାର ମଣ୍ଡି କରିଛନ୍ତି। ହେଲେ ତଳସ୍ତରରେ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ନିମନ୍ତେ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରକାଶ ପାଉଛି।

